# Prime Minister speaks to His Excellency Matemela Cyril Ramaphosa, President of South Africa

February 04, 2021

## ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ମହାମହିମ ମାଟମେଲୋ ସିରିଲ ରାମଫୋସାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ଫେବୃଆରୀ 04, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ମହାମହିମ ମାଟମେଲୋ ସିରିଲ ରାମଫୋସାଙ୍କ ସହ ଟେଲିଫୋନ ଯୋଗେ ବାର୍ତ୍ତାଳାପ କରିଛନ୍ତି ।

ଦୁଇ ନେତା କୋଭିଡ-19 ମହାମାରୀ ଦ୍ୱାରା ଜାରି ରହିଥିବା ଆହ୍ୱାନଗୁଡିକ ଉପରେ ଆଲୋଚନା କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ନିଜ ନିଜ ଦେଶରେ ଟୀକାକରଣ ଅଭିଯାନ ଚାଲିଥିବା ଦର୍ଶାଇଥିଲେ ।

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ପୁନର୍ବାର କହିଥିଲେ ଯେ, ଔଷଧ ପ୍ରସ୍ତୁତି କାର୍ଯ୍ୟ ଏବଂ ଟୀକା ପାଇଁ ଭାରତର ଯଥେଷ୍ଟ ଉତ୍ପାଦନ କ୍ଷମତା ରହିଛି, ଯାହା ଆଫ୍ରିକୀୟ ଦେଶ ସମେତ ସମସ୍ତ ଦେଶର ଆବଶ୍ୟକତାକୁ ପୂରଣ କରିପାରିବ ।

ଉଭୟ ନେତା ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ସହଯୋଗର ସମ୍ଭାବନା ଉପରେ ଆଲୋଚନା କରିଥିଲେ, ଯାହାଫଳରେ ଟୀକା ଏବଂ ଔଷଧର ସୁଲଭତା ଏବଂ ସାମର୍ଥ୍ୟ ବୃଦ୍ଧି ପାଇପାରିବ ।

ଉଭୟେ ସହମତ ହୋଇଥିଲେ ଯେ ଦୁଇ ଦେଶର ଅଧିକାରୀମାନେ ଆଗାମୀ ଦିନରେ ଅଧିକ ଯୋଗାଯୋଗରେ ରହିବେ ଏବଂ ମହାମାରୀ ବିରୋଧରେ ମିଳିତ ପ୍ରୟାସର ସମ୍ଭାବନା ଉପରେ ଅନୁସନ୍ଧାନ କରିବେ ।

ନୂଆଦିଲ୍ଲୀ

ଫେବୃଆରୀ 04, 2021

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.